# ODM PUBLIC SCHOOL

**SESSION : 4**

**CLASS : III**

**SUBJECT : ODIA**

**CHAPTER NUMBER: 14**

**CHAPTER NAME : ଖରା ,ବର୍ଷା ,ଶୀତ**

**SUBTOPIC : ପଠନ କ୍ରିୟା, ଅଭ୍ୟାସ - ୪ ଓ ଅଭ୍ୟାସ - ୫**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ଶବ୍ଦାବଳୀ ପ୍ରତି ଧ୍ୟାନ ଦେବା ।



# ଖରା ,ବର୍ଷା,ଶୀତ









ଗାଁଟିର ନାଁ ମୁକ୍ତାପୁର । ସେହି ଗାଁରେ ପ୍ରାୟ ଶହେଘର । ଭକ୍ତବନ୍ଧୁ ଗାଁ'ର ସବୁଠୁ ଧନୀବ୍ୟକ୍ତି । ତାଙ୍କ ନାତୁଣୀର ନାଁ ତୃପ୍ତି ।

: ଜେଜେ, ଏତେ ଗରମ କାହିଁକି ହେଉଛି ?

: ଖରାଦିନେ ଖରା ହେବନି ତ କ'ଣ ହେବ ?

: ଆଜି କାଲି କ'ଣ ଶୀଘ୍ର ସନ୍ଧ୍ୟା ହେଉ ନାହିଁ ?

: ଖରାଦିନେ ଦିନ ବଡ଼ ହୁଏ । ସୂର୍ଯ୍ୟ ବଡ଼ିଭୋରରୁ ଉଦୟ ହୁଅନ୍ତି । ଡେରିରେ ଅସ୍ତ ଯାଆନ୍ତି । ଖରାଯୋଗୁଁ ଗଛପତ୍ର ଝାଉଁଳି ଯାଏ ।

: ଗଛପତ୍ର କାହିଁକି ଝାଉଁଳି ଯାଉଛି ?

: ଅଧିକ ଗରମ ଯୋଗୁଁ ନଈ, ନାଳ ଶୁଖିଯାଏ । ଗରମପବନ ବହେ । ବର୍ଷା ହୁଏ ନାହିଁ । ପାଣି ନପାଇ ଗଛପତ୍ର ଝାଉଁଳି ଯାଏ । ମାଟି ଶୁଖିଯାଏ । ଏ ସମୟରେ ଜମି ହଳ କରାଯାଏ ।

ODM EDUCATIONAL GROUP

: ଜେଜେ, ଏହି ଖରାଦିନରେ କେଉଁ କେଉଁ ଫଳ ହୁଏ ?

: ଖରାଦିନରେ ଆମ୍ବ, ପଣସ, ସପୁରି, ଜାମୁକୋଳି ପାଚେ । ଏଗୁଡ଼ିକ ଖରାଦିନିଆ ଫଳ ।

ଖରାଦିନେ କେଉଁସବୁ ଫୁଲ ଫୁଟେ ?

: ମଲ୍ଲୀ, ମାଳତୀ, ଟଗରଫୁଲ ଫୁଟେ ।

ପୁଣି କେବେ ବର୍ଷା ହେବ ?

: ରଜପର୍ବ ଓ ଶୀତଳଷଷ୍ଠୀ ବେଳକୁ ବର୍ଷା ହେବ । ବର୍ଷାଦିନ ତତେ କେମିତି ଲାଗେ ?

: ଛି, ଚାରିଆଡ଼େ କାଦୁଅ ପଚ୍‌ପଚ୍ । ବେଳେବେଳେ ସପ୍ତାହ ସପ୍ତାହ ଧରି ବର୍ଷା ହୁଏ । ଝଡ଼ିବର୍ଷା ହେଲେ ଖେଳିପାରେ ନାହିଁ । ନଈବଢ଼ି ହୁଏ । ସ୍କୁଲ୍ ଯିବାକୁ ଅସୁବିଧା । କାଗଜଡଙ୍ଗା ଭସାଏ, କିନ୍ତୁ ବେଶୀ ଭଲ ଲାଗେ ନାହିଁ ।

: ନା, ନା, ସେମିତି କହନା । ବର୍ଷା ନହେଲେ ମରୁଡ଼ି ହେବ । ପାଣି ପଡ଼ିବାରୁ ଗରମ କମିଯାଏ । ବର୍ଷାହେଲେ ଧାନବୁଣା ହୁଏ । ଧାନ ନହେଲେ ଲୋକେ ଖାଇବେ କ'ଣ ? ଗଛର ପତ୍ର କଅଁଳେ । ବର୍ଷାଦିନେ ଭେଣ୍ଡି, ଜହ୍ନି, ସାରୁ, କାଙ୍କଡ଼, ଛଚିନ୍ଦ୍ରା ମିଳେ । ସବୁଜପରିବାରେ ମଜା ଅଛି ନା । ଶୀତଦିନେ ଧାନ ଅମଳ ହୁଏ । ବସ୍ତାବସ୍ତା ଧାନପାଇ ଚାଷୀ ଖୁସି ହୁଏ ।

ODM EDUCATIONAL GROUP


: ଆଚ୍ଛା ଜେଜେ, ଶୀତରୁ କିପରି ରକ୍ଷାମିଳେ ?


: ଶୀତଦିନେ ଅଧିକ ଥଣ୍ଡା ହୁଏ । ଆମେ ଶୀତପୋଷାକ ପିନ୍ଧୁ । ନିଆଁ ଜଳାଇ ତା’ ପାଖରେ ବସୁ ।


: ଜେଜେ, କେବଳ କ’ଣ ଆମକୁ ଶୀତ ହୁଏ ? ପକ୍ଷୀମାନଙ୍କୁ କ’ଣ ଶୀତ ହୁଏ ନାହିଁ ? ସେମାନେ ଶୀତରେ କିପରି ରହନ୍ତି ?


: ହଁ, ପକ୍ଷୀ ମାନଙ୍କୁ ଏତେ ଶୀତ ହୁଏ ଯେ ସେମାନେ ଅଧିକ ଶୀତ ହେଉଥିବା ଅଂଚଳରୁ, କମ୍ ଶୀତ ହେଉଥିବା ଅଞ୍ଚଳକୁ ଉଡ଼ି ଆସନ୍ତି ।

# ଅଭ୍ୟାସ -୪- ଅସଜଡା ଶବ୍ଦକୁ ଠିକ୍ କରି ଲେଖ

ଡାରକ୍ତ –

ଅପୁତ୍ର –

କ୍ତରବି –

ହସ୍ତାରଷ୍ଠ –

ସ୍ତକପୁ -

# ଅଭ୍ଯାସ -୪- ଅସଜଡା ଶବ୍ଦକୁ ଠିକ୍ କରି ଲେଖ

ODM EDUCATIONAL GROUP

ଡାରକ୍ତ – ଡାକ୍ତର

ଅପ୍ତତୃ – ଅତୃପ୍ତ

କ୍ତରବି – ବିରକ୍ତ

ହସ୍ତାରକ୍ଷ – ହସ୍ତାକ୍ଷର

ସ୍ତକପୁ - ପୁସ୍ତକ

# ଅଭ୍ଯାସ -୫- ବିଭିନ୍ନ ଋତୁରେ ହେଉଥିବା ଫୁଲ, ଫଳ , ପରିବାର ନାମ ଲେଖ ।

ODM EDUCATIONAL GROUP

| ଜିନିଷ | ଗ୍ରୀଷ୍ମ ଋତୁ | ବର୍ଷାଋତୁ | ଶୀତଋତୁ |
|---|---|---|---|
| ଫୁଲ | ମଲ୍ଲୀ<br>ମାଳତୀ | ମନ୍ଦାର<br>ଟଗର | ଗେଣ୍ଡୁ<br>ସେବତୀ |
| ଫଳ | ଆମ୍ବ<br>ପଣସ | ଡାଳିମ୍ବ<br>ପିଜୁଳି | ସେଓ<br>କମଳା |
| ପରିବା | ପୋଟଳ<br>କଲରା | ଜହ୍ନି<br>କାଙ୍କଡ | ବନ୍ଧାକୋବି<br>ଫୁଲକୋବି |

# ଗୃହକର୍ମ

## ଅଭ୍ୟାସ-୭ କୁ ବହି ରେ କର |



# ପ୍ରଶ୍ନ ଗୁଡିକର ଉତ୍ତର କୁହ ?

ODM EDUCATIONAL GROUP

- ଗାଁ ଟିର ନାମ କଣ ?
- କେଉଁ ଋତୁରେ ଗରମ ହୁଏ ?
- କେଉଁ ଦିନେ ସୂର୍ଯ୍ୟ ଡେରିରେ ଅସ୍ତ ଯାଆନ୍ତି ?
- ଆମ୍ବ ,ସପୁରି ଓ ପଣସ କେଉଁ ଋତୁରେ ସାଧାରଣତଃ ପାଚେ ?
- ସାଧାରଣତଃ କେଉଁ ଋତୁରେ ନଈବଢି ଦେଖାଦେଇଥାଏ ?
- ବର୍ଷା ନ ହେଲେ କଣ ହେବ ବୋଲି ଜେଜେ କହିଲେ ?
- ଆମେ ସ୍ୱେଟର , ମଫଲର କେଉଁ ଋତୁରେ ବ୍ୟବହାର କରିଥାଉ ?

ଆମେ ସାଧାରଣତଃ କେଉଁ ଋତୁ ଅନୁଭବ କରୁ ଓ ସେଗୁଡିକ କଣ ?

# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP